# Akashvani, Sambalpur

## SAMBALPURI NEWS EVENING BULLETIN

## 31 July 2024- 7.02 pm- 7.12 pm.

*********************************************

୧- କେନ୍ଦ୍ର ସର୍‌କାର୍ ଗଲା ୧୦ ବଛର୍ ଭିତ୍‌ରେ ମେଡ଼ିକାଲ୍ ସିଟ୍ ସଂଖ୍ୟା ୧ ଲାଖ୍ ୧୦ ହଜାର୍‌କେ ବଢ଼େଇଛନ୍- କହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୨- ରାଏଜେ ପ୍ରତିଷ୍ଠା ହେବା ୫୮ ଟା ଶୀତଲ୍‌ଭଣ୍ଡାର୍ - ବିଧାନ୍‌ସଭାଥି କହେଲେ ବିଭାଗୀୟ ମନ୍ତ୍ରୀ ।

୩- ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ହେଉଛେ ଚକ୍ରନାରାୟଣ୍ ଏକାଦଶୀ ନୀତି ।

ଆଉର୍

୪- ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ରାଏଜେ ବର୍ଷା ଜାରି- ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ନେଇ ୧୫ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ।

ରାଜ୍ୟସଭା- ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱାଧୀନ କେନ୍ଦ୍ର ସର୍‌କାର୍‌ଙ୍କର୍ ଅମଲ୍‌ଥି ଗଲା ୧୦ ବଛର୍ ଭିତ୍‌ରେ ମେଡ଼ିକାଲ୍ ସିଟ୍ ସଂଖ୍ୟା ୧ ଲାଖ୍ ୧୦ ହଜାର୍‌କେ ବଢ଼ିଛେ ବଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଆଏଜ୍ ରାଜ୍ୟସଭା ନ ସେ କହିଛନ୍ ଯେ, ଦେଶେ ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍ ଏନ୍‌ଟିଏ ତର୍‌ଫୁ ପରିଚାଲିତ୍ ପାଖାପାଖି ୨ ଶହ ୫୦ ଟା ପରୀକ୍ଷାଥି ୫ କୋଟିନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ । ଦିଲ୍ଲୀ କୋଚିଂ ସେଂଟର୍ ନ ହେଇଥିବା ଦୁର୍ଘଟଣା ବାବ୍‌ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍ ଯେ, ସର୍‌କାର୍ ଛାତ୍ରଛାତ୍ରୀମାନ୍‌କୁ ଗୁଣାତ୍ମକ ଶିକ୍ଷା ଦେବାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ବିଧାନ୍‌ସଭା-୧ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୫ି ସବ୍‌ଡିଭିଜନ୍ ନ ମୋଟ୍ ୫୮ ଟା ଶୀତଲ୍‌ଭଣ୍ଡାର୍ ପ୍ରତିଷ୍ଠା କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଆର୍ କୃଷିମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ କହିଛନ୍ । ବିଧାନ୍‌ସଭା ନ କଂଗ୍ରେସ୍ ବିଧାୟକ୍ ରାମଚନ୍ଦ୍ର କାଡ଼ାମ୍‌ଙ୍କର୍ ଗୁଟେ ଅତିରିକ୍ତ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଇସବୁ ଶୀତଲ୍‌ଭଣ୍ଡାର୍

ପିପିପି ମୋଡ୍‌ରୁ ତିଆରି ହେବା । ଚାଷୀମାନେ ସେମାନ୍‌କର୍ ଉତ୍ପାଦ୍‌କେ ଇଥି ରଖିପାର୍‌ବେ । ଆବଶ୍ୟକତାକେ ନଜର୍‌ଥି ରଖିକରି ଆହୁରି ଅଏତ୍‌କା ଶୀତଲ୍‌ଭଣ୍ଡାର୍ ତିଆର ଲାଗି ପଦକ୍ଷେପ୍ ନିଆଯିବା ବଲି ଶ୍ରୀ ସିଂହଦେଓ କହିଛନ୍ ।

ବିଧାନ୍‌ସଭା- କ୍ଷତିପୂରଣ୍ ଆର୍‌ଏନ୍‌ୟୁ/ କଟକ୍

ମାଲ୍‌କାନ୍‌ଗିରି ଜିଲ୍ଲା ନ ଅପର୍‌ବଲ୍ ବର୍ଷା ଲାଗି ଚାଷୀମାନ୍‌କର୍ ହେଉଥିବା ନୁକ୍‌ସାନ୍ ବାବ୍‌ଦେ ଚୂଡ଼ାନ୍ତ ରିପୋର୍ଟ ମିଲ୍‌ବାର୍ ଉତ୍‌ରୁ କ୍ଷତିପୂରଣ୍ ଦେବାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଆଏଜ୍ ବିଧାନ୍‌ସଭା ନ ବିଧାୟକ୍ ମଙ୍ଗୁ ଖିଲଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଇ ବାବ୍‌ଦେ ରାଜସ୍ୱ ନିରୀକ୍ଷକମାନ୍‌କର୍‌ଠାନୁ ଜିଲ୍ଲାପାଲ୍‌ମାନେ ରିପୋର୍ଟ ମାଗିଛନ୍ ।

ବିଧାନ୍‌ସଭା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଘର୍ ସର୍‌କାର୍‌ଙ୍କର୍ ସମିଆଥି ୧୧ ହଜାର୍ ୪ ଶହ ୩୨ ଟା କ୍ଷୁଦ୍ର ଶିଳ୍ପ ବନ୍ଦ୍ ହେଇଛେ ବଲି ମାଇକ୍ରୋ, କ୍ଷୁଦ୍ର

ଆଉ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ବିଧାନ୍‌ସଭା ନ ବିଧାୟକ୍ ଚକ୍ରମଣି କହଁର୍‌ଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ମଲ୍ଲିକ୍ କହିଛନ୍ ଯେ, କରୋନା ସମିଆଥି ୩ ହଜାର୍ ୨ ଶହ ୭ ଟା କ୍ଷୁଦ୍ର ଶିଳ୍ପ ବନ୍ଦ୍ ହେଇଛେ । ସେନ୍ତା ବାଲେଶ୍ୱର୍ ନ ସବୁନୁ ଜହ ୫ ଶହ ୭୬, ଗଞ୍ଜାମ ନ ୪ ଶହ ୮୪ ଆର୍ ସମ୍ବଲ୍‌ପୁର୍ ନ ୩ ଶହ ୨୧ ଟା କ୍ଷୁଦ୍ର ଶିଳ୍ପ ବନ୍ଦ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ଘରେ ବସି ଚାଉଲ୍ ଆର୍‌ଏନ୍‌ୟୁ/ କଟକ୍

ରାସନ୍‌କାର୍ଡ଼ ହିତାଧିକାରୀମାନେ ଘରେ ବସିକରି ଚାଉଲ୍ ପାଇପାର୍‌ବେ ବଲି ଖାଦ୍ୟ, ଯୋଗାଣ ଆଉ ଖାଉଟି କଲ୍ୟାଣ୍‌ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନ୍‌ସଭା ନ ସେ କହିଛନ୍ ଯେ, ଯେନ୍‌ମାନେ ପଂଚାୟତ୍ ଅଫିସ୍ ନାଇଁ ଯାଇପାର୍‌ବାର୍ ସେମାନ୍‌କୁ ସର୍‌କାର୍ ଘରେ ଚାଉଲ୍ ପହଁଚାବାର୍ ଲାଗି ବ୍ୟବସ୍ଥା କରୁଛନ୍ । ସେନ୍ତା ବାର୍ଦ୍ଧକ୍ୟ କାରଣ୍‌ନୁ ଯେନ୍‌ମାନ୍‌କର୍ ଟିପ୍‌ଚିହ୍ନ କାମ୍ ନାଇଁ କର୍‌ବାର୍ ସେମାନ୍‌କର୍ ଲାଗି ସର୍‌କାର୍ ସ୍ୱତନ୍ତ୍ର ଆପ୍ ଆନ୍‌ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଭୂସ୍ଖଳନ ଆର୍‌ଏନ୍‌ୟୁ/ କଟକ୍

କେରଲ୍ର ଭୂସ୍ଖଳନ ଘଟ୍ନାଥି ନିଖୋଜ୍ ଥିବା ୨ ଝନ୍ ଓଡ଼ିଆ ଡାକ୍ତର୍ଙ୍କର୍ ଭିତ୍ରୁ ଝନ୍କର୍ ମୃତ ଦେହ ମିଲିଛେ ବଲି ଖବର୍ ମିଲିଛେ । ରାଜସ୍ୱ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ଯେ, ମୃତ ଦେହର୍ ଚିହ୍ନଟ୍ ଲାଗି ଓଡ଼ିଶାନୁ ୨ ଝନ୍ ଅଧିକାରୀଙ୍କୁ କେରଳ ପଠାଯାଇଛେ । ଡାକ୍ତର୍ ବିଷ୍ଣୁ ପ୍ରସାଦ୍ ଚିନାରାଙ୍କର୍ ମୃତ ଦେହ ମିଲିଥିବାର୍ ଜନାପଡ଼ିଛେ । ଇତାର୍ ଆଘୋନୁ ମନ୍ତ୍ରୀ ଶ୍ରୀ ପୂଜାରୀ ଦୁହି ଓଡ଼ିଆଙ୍କର୍ ଉଦ୍ଧାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କର୍ ସାଙ୍ଗେ ଆଲୋଚନା କରିଥିଲେ । ସେମାନ୍କର୍ ପରିବାର୍ ଲୁକ୍କର୍ ସାଙ୍ଗେ ଭିଲ୍ ଯୋଗାଯୋଗ୍ଥି ଥିବା ମନ୍ତ୍ରୀ ଜନେଇଥିଲେ । ସୂଚ୍ନା ଅନ୍ସାରେ କଟକ୍ ଚୌଦ୍ୱାର୍ ଅଂଚଲ୍ର ଡାକ୍ତର୍ ସ୍ୱାଧୀନ୍ ପଣ୍ଡା ଆଉ ଡାକ୍ତର୍ ବିଷ୍ଣୁ ପ୍ରସାଦ୍ ଚିନାରା ଛୁଟି କଟାବାର୍ ଲାଗି କେରଳ ଯାଇଥିଲେ । ଇ ସମିଆଥି ଭୂସ୍ଖଳନ୍ ହେଇଥିଲା ।

ସହରୀ ବନ୍ୟା-ବ୍ଲୁପ୍ରିଂଟ୍ ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ସହରାଂଚଲ୍ ବନ୍ୟା ରୁକ୍ବାର୍ ଲାଗି ଗୁଟେ କାର୍ଯ୍ୟଖସଡ଼ା ପ୍ରସ୍ତୁତ୍ କରିଛନ୍ । ନଗର୍ ଉନ୍ନୟନ୍ ବିଭାଗ୍ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ଉଚ୍ଚ ଦର୍ଜାର୍ ବୈଠକ୍ଥି ବର୍ଷା ସମିଆଥି ନାଲିନର୍ଦ୍ଦମାର୍ ପାଏନ୍

ବାହାର୍ କର୍ବାର୍ ଉପ୍ରେ ଜୋର୍ ଦିଆଯାଇଛେ । ସହରେ ଥିବା ନାଲି ମାନ୍କେ ବେରିକେଡ୍ କର୍ବାର୍ ସହେତେ ଖୁଲା ଡ୍ରେନ୍ ଉପ୍ରେ ସ୍ଲାବ୍ ପକାବାର୍ ଆଉ ଖୁଲା ଡ୍ରେନ୍ ସ୍ଲାବ୍ଥି ଯେନ୍ତା ଦୁର୍ଘଟଣା ନାଇଁ ଘଟେ ସେଥିର୍ଲାଗି ଧ୍ୟାନ୍ ଦେବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଡ୍ରେନ୍ ପାଏନ୍କେ ଅବରୋଧ୍ କରୁଥିବା ଜବର୍ଦଖଲ୍କେ ଜଲ୍ଦି ହଟାବାର୍ ସହେତେ ସମ୍ବେଦନ୍ଶୀଲ୍ ଜାଗା ଚିହ୍ନଟ୍ କରିକରି ପାଏନ୍ ବାହାର୍ କର୍ବାର୍ ଲାଗି ପମ୍ପସେଟ୍ ମହଜୁଦ୍ ରଖିବାର୍କେ ବୈଠକ୍ଥି ନିଷ୍ପତି ହେଇଥିଲା ।

ଚକ୍ରନାରାୟଣ୍ ଏକାଦଶୀ ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଚକ୍ରନାରାୟଣ୍ ଏକାଦଶୀ ଅନୁଷ୍ଠିତ୍ ହେଉଛେ । ମଧ୍ୟାହ୍ନ ଧୂପ ଶେଷ୍ ହେବାର୍ ଉତ୍ରୁ ମଇଲମ ହେଇକରି ଶ୍ରୀଜୀଉମାନ୍କୁ ଖଣ୍ଡୁଆପାଟ ପିନ୍ଧେଇକରି ଆଲ୍ତୀ ଆର୍ ସର୍ବାଙ୍ଗ ଆରମ୍ଭ କରାଯାଇଥିଲା । ଇତାର୍ଉତ୍ରୁ ଦକ୍ଷିଣ ଘରୁ ମହାଜନ୍ ସେବକ୍ମାନେ ମଦନ୍ମୋହନ୍ଙ୍କୁ ସିଂହାସନ୍କେ ଆନିଥିଲେ । ମହାପ୍ରଭୁଙ୍କର୍ଠାନୁ ଆଜ୍ଞାମାଳ ପାଏଲା ଉତ୍ରୁ ମଦନ୍ମୋହନ୍ ଏକାଦଶୀ ବେଢ଼ା ପରିକ୍ରମା କରିଥିଲେ । ତାର୍ ପରେ ପରେ ସୁନାବେଶଥି ମାହାପୁରୁମାନ୍କର୍ ହାତେ

ସୁସଜ୍ଜିତ ସୁନାର ଚକ୍ର - ଚକ୍ରନାରାୟଣ୍‌ଙ୍କୁ ସିଂହାସନ୍ ପାଖ୍‌କେ ନିଆଯାଇଥିଲା । ଆଜ୍ଞାମାଳ ପାଏବାର୍ ଉତ୍‌ରୁ ବିମାନ୍ ବଡୁ ସେବକ୍‌ମାନ୍‌କର୍ ତର୍‌ଫୁ ବିମାନ୍‌ଥି ବିଜେ ହେଇକରି ନଗର୍ ପରିକ୍ରମା କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ସୁବର୍ଣ୍ଣଚକ୍ର ବଛର୍‌କ ଥରେ ଶ୍ରୀମନ୍ଦିର୍ ବାହାର୍‌କେ ଏକ୍‌ଲା ବିଜେ କରିଥିସନ୍ ।

ଜିଲ୍ଲାସ୍ତରୀୟ ଆଧାର୍ ମନିଟରିଂ ବୈଠକ ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲାସ୍ତରୀୟ ଆଧାର୍ ମନିଟରିଂ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଆଉ ନୋଡ଼ାଲ୍ ଅଫିସର୍ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ନୂଆଁ ଆଧାର୍ ପଞ୍ଜିକରଣ୍, ୫ ବଛର୍‌ନୁ ଅଏତ୍‌କା ବୟସର୍ ଛୁଆମାନ୍‌କର୍ ବାୟୋମେଟ୍ରିକ୍ ଆଧାର୍ ଅପ୍‌ଡେସନ୍, ଜିଲ୍ଲାର୍ ସବୁ ବ୍ଲକ୍ ମାନ୍‌କେ ଆଧାର୍ କେନ୍ଦ୍ର ଥାପ୍‌ନା, ବିଦ୍ୟାଳୟ ଛାତ୍ରଛାତ୍ରୀମାନ୍‌କର୍ ଆଧାର୍ ପଞ୍ଜିକରଣ୍, ଅଙ୍ଗନବାଡ଼ି ଆଉ ପିଡ଼ିଏସ୍ କେନ୍ଦ୍ର ନ ଶିବିର କରାଯାଇକରି ଆଧାର୍ ପଞ୍ଜିକରଣ୍‌କେ ତ୍ୱରାନ୍ୱିତ କର୍‌ବାର୍ ଲାଗି ଆଲୋଚନା କରାଯାଇଥିଲା ।

ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ଦିନ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଠାନେ ଆଏବା କାଏଲ୍ ରାଜ୍ୟସ୍ତରୀୟ ସମ୍ବଲ୍‌ପୁରୀ ଦିନ୍ ପାଲନ୍ କରାଯିବା । ଇଥିର୍‌ଲାଗି ଆଏଜ୍ ସମ୍ବଲ୍‌ପୁର୍ ସହର୍‌ର ବାଲିବନ୍ଧା ନୁ ଜେଲ୍‌ଛକ୍ ତକ୍ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ହେଇଥିଲା । ସମ୍ବଲ୍‌ପୁରୀ ଭାଷା, ସାହିତ୍ୟ, ସଂସ୍କୃତିକେ ଅଏତ୍‌କା ପ୍ରଚାର୍ ପ୍ରସାର୍ କର୍‌ବାର୍ ଲାଗି ଇ ସାଂସ୍କୃତିକ୍ ଶୋଭାଯାତ୍ରା ଜରିଏ ପ୍ରୟାସ୍ କରାଯାଇଥିଲା । ଇଥି ପର୍ଶ୍ଚିମାଂଚଲ୍ ଏକତା ମଂଚର୍ ସବୁ ପଦାଧିକାରୀଙ୍କର୍ ସହେତେ ବହୁତ୍ ସଭ୍ୟ ଆଉ କଲାକାର୍‌ମାନେ ସାମିଲ୍ ହେଇଥିଲେ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଅଇଁଠାପାଲି ପାଖେ ଥିବା ୩୩ କେଭି ଫିଡର୍ ଲାଇନ୍‌ର ରକ୍ଷଣାବେକ୍ଷଣ୍ ଲାଗି ଆଏବା ଶୁକ୍ରବାର୍ ୨ ତାରିଖ୍ ଦିନ ସଖାଲର୍ ୮ ବଜୁ ଦିନର୍ ୨ ବଜେତକ୍ ସମ୍ବଲ୍‌ପୁର୍ ସହରର୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଇଥିର୍‌ଲାଗି ସହର୍‌ର୍ ଅଇଁଠାପାଲି, କାଇଁଶିର୍, ଭାଲୁପାଲି, ବୁଢ଼ାରଜା, ପ୍ରଧାନ୍‌ପଡ଼ା, ଅନୁଗୁଳିଆପଡ଼ା, ଏସ୍‌ଆର୍‌ଆଇଟି କଲୋନୀ, ଜଗନ୍ନାଥ କଲୋନୀ, ଏନ୍.ଗୁହା. ଲେନ୍, ଗୋପାଲ୍‌ମାଲ୍, ଚେରୁଆପଡ଼ା,

ବଲ୍‌ବସ୍‌ପୁର୍, ସମ୍‌ଲେଇମନ୍ଦିର୍ ଇଲାକା, ବାଲିବନ୍ଧା, ପଟ୍ଟନାୟକ୍‌ପଡ଼ା, ମୁଦିପଡ଼ା, ଡ୍ରାଇଭର୍ କଲୋନୀ, ରେଲ୍‌ୱେ କଲୋନୀ, ବଙ୍ଗାଲିପଡ଼ା, ବଡ଼ବଜାର୍, ଲକ୍ଷ୍ମୀଡୁଙ୍ଗୁରୀ, ଦୁର୍ଗାପାଲି, ସହଯୋଗ୍ ନଗର୍, ରେମେଡ୍, ବରେଇପାଲି ଆର୍ କ୍ଷେତରାଜ୍‌ପୁର୍ ଇଲାକା ନ ବିଜ୍‌ଲି ଯୋଗାଣ ବନ୍ଦ୍ ରହେବା ବଲି ଡିପିଡବ୍ଲୁଓଡିଏଲ୍ ତର୍‌ଫୁ କୁହାଯାଇଛେ ।

## ଶିକ୍ଷା ଅଧିନିୟମ୍ -ସଚେତନତା କାର୍ଯ୍ୟକ୍ରମ୍

କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଭବାନୀପାଟ୍‌ନାର୍ ମ୍ୟୁନିସିପାଲ୍ ଉଚ୍ଚ ବିଦ୍ୟାଲୟ ପରିସର୍ ନ ଶିଶୁ ଯତ୍ନ ଆଉ ସୁରକ୍ଷା ଅଧିନିୟମ୍ ଆର୍ ବାଧ୍ୟତାମୂଲକ୍ ଶିକ୍ଷା ଅଧିନିୟମ୍ ବାବ୍‌ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଆଉ ଦୌରା ଜଜ୍ ଆର୍ ଆଇନ୍‌ସେବା ପ୍ରାଧିକରଣ୍‌ର ଅଧ୍ୟକ୍ଷ ଅନୁପ୍ ରଞ୍ଜନ୍ ପଟ୍ଟନାୟକ୍ ଆଉ ସଚିବ ଶୁଭ ଗୌତମ ମିଶ୍ରଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ଇ ସଚେତନତା କାର୍ଯ୍ୟକ୍ରମ୍‌ଥି ଆଇନ୍‌ର ଭିନ୍ ଭିନ୍ ଦିଗ୍ ଉପ୍‌ରେ ସଚେତନ୍ କରାଯାଇଥିଲା ।

ବୌଦ୍ଧ- ନିଯୁକ୍ତିପତ୍ର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଦକ୍ଷତା ବିକାଶ୍ ଆର୍ ଜିଲ୍ଲା ନିୟୋଜନ୍ ବିଭାଗ୍ ତର୍ଫୁ ୨୩ ଝନ୍‌କୁ ସ୍ୱଳ୍ପ କାଳୀନ ତାଲିମ୍ ପ୍ରମାଣପତ୍ର ଆଉ ନିଯୁକ୍ତି ପତ୍ର ଦିଆଯାଇଛେ । ଅତିରିକ୍ତ ଜିଲ୍ଲାପାଳ୍ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଭାଥି ନୂଆକରି ନିଯୁକ୍ତି ପାଇଥିବା ପିଲାମାନ୍‌କୁ ତହଁକାବାର୍ ସହେତେ ଉଜ୍ଜ୍ୱଳ ଭବିଷ୍ୟତ୍ କାମନା କରାଯାଇଥିଲା ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ସମ୍ବଲପୁର୍ ସମ୍ବାଦଦାତା

ହୀରାକୁଦ୍ ବନ୍ଧର୍ ଉପର୍‌ମୁଡ଼େ ବର୍ଷା କମ୍‌ବାର୍‌ନୁ ଜଲ୍‌ଭଣ୍ଡାର୍‌କେ ପାଏନ୍ କମ୍ ଆସୁଛେ । ସେଥିର୍‌ଲାଗି ଗଲାକାଏଲ୍ ରାତି ୨ ଟା ଗେଟ୍ ବନ୍ଦ୍ କରିଦିଆଯାଇଥିବାର୍ ବେଲେ ଆଏଜ୍ ଆଉ ୪ ଟା ଗେଟ୍ ବନ୍ଦ୍ କରି ଦିଆଯାଇଛେ । ଆଝିର୍ ସଞ୍ଝ୍‌ବେଲର୍ ୬ ବଜେତକ୍ ୧୪ ଟା ଗେଟ୍ ଦେଇକରି ଫି ସେକେଣ୍ଡଥି ୨ ଲାଖ୍ ୯୪ ହଜାର୍ ଶହେ ୫୦ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌କେ ୧ ଲାଖ୍ ୬୫ ହଜାର୍ ୭ ଶହ ୫୭ ଘନଫୁଟ୍ ପାଏନ୍ ଆସୁଛେ । ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ଉପର୍‌ବେଲା ୬ ବଜେତକ୍ ୬ ଶହ ୧୦ ଦଶ୍‌ମିକ୍ ୪/୧ ଫୁଟ୍ ରହିଛେ ।

ତିଖାଲି ଲୋୟର୍ ଇନ୍ଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍‌ର ତିଖାଲି ଲୋୟର୍ ଇନ୍ଦ୍ର ଜଲ୍‌ସେଚନ୍ ପ୍ରକଳ୍ପ ନୁ ଆଏଜ୍ ଇ ବଛର୍‌ର ପହେଲା ବଢ଼ିପାଏନ୍ ଛଡ଼ାଯାଇଛେ । ଇଥି ୨ ଟା ଗେଟ୍ ଖୁଲାଯିବାର୍‌ନୁ ଜଲ୍‌ଭଣ୍ଡାର୍‌ର ଜଳସ୍ତର୍ କମିଛେ । ଲଘୁଚାପ ଜନିତ ବର୍ଷାକେ ନଜର୍‌ଥି ରଖିକରି ଜଲ୍‌ଭଣ୍ଡାର୍ ଖାଲି ରଖିବାର୍ ଲାଗି ପାଏନ୍ ଛଡ଼ାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୩ ତାରିଖ୍‌ତକ୍ ଏନ୍ତା ଥିତି ଲାଗି ରହେବା । ଇତାର୍‌ଛଡ଼ା ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ୧୫ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ରାଏଜେ ନିଅଂଟିଆ ବର୍ଷା ଥିତି ଜାରି ରହିଛେ । ଗଲା ଜୁନ୍ ପହେଲା ନୁ ଆଏଜ୍‌ତକ୍ ରାଏଜେ ୪ ଶହ ୮୯ ଦଶ୍‌ମିକ୍ ୫ ମିଲିମିଟର୍ ବର୍ଷା ହେଇଥିବାର୍ ଜନାପଡ଼ିଛେ । ଇଟା ସ୍ୱାଭାବିକ୍ ବର୍ଷା ଠାନୁ ୧୧ ପ୍ରତିଶତ୍ କମ୍ ରହିଛେ । ଇ ସମିଆ ଭିତ୍‌ରେ ୧୨ ଟା ଜିଲ୍ଲା ନ କମ୍ ବର୍ଷା ହେଇଛେ ।